[ନିୟମ – ୪ (୪-୧) ଦ୍ରଷ୍ଟବ୍ୟ]

# ତହସିଲ କାର୍ଯ୍ୟାଳୟ, କନିଷି, ଗଞ୍ଜାମ

Alienation Misc. Case No. ୨୫/୨୦୨୫

## ସର୍ବସାଧାରଣ ନୋଟିସ୍

ଏତଦ୍ ଦ୍ୱାରା ମୌଜା– ରାଳବ, ଥାନା – ବ୍ରହ୍ମପୁର ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ନିମ୍ନଲିଖିତ ତଫସିଲଭୁକ୍ତ ଜମିର କିସମ **ଦଣ୍ଡା** ରୁ **ପତିତ** କିସମ ରେ ପରିବର୍ତନ କଲାପରେ ବିଦ୍ୟାଳୟ ଏବଂ ଗଣଶିକ୍ଷା ବିଭାଗ, ଓଡ଼ିଶା ସରକାର ମାର୍ଫତ ସରକାରୀ ପ୍ରାଥମିକ ବିଦ୍ୟାଳୟ, ରାଳବ ଙ୍କ ନାମରେ ହସ୍ତାନ୍ତର କରିବା ପାଇଁ ସ୍ଥିରୀକୃତ ହୋଇଅଛି।

ଏଣୁ ନିମ୍ନ ତଫସିଲଭୁକ୍ତ ଜମିର କିସମ ପରିବର୍ତ୍ତନ ଉପରେ ଯଦି କାହାର କିଛି ଆପତ୍ତି ଅଭିଯୋଗ ଥାଏ, ଏହି ଇସ୍ତାହାର ପ୍ରକାଶ ପାଇବାର ୧୫ (ପନ୍ଦର) ଦିନ ମଧ୍ୟରେ ନିମ୍ନ ସ୍ୱାକ୍ଷରକାରୀଙ୍କ ଅଦାଲତରେ ଯେ କୌଣସି କାର୍ଯ୍ୟ ଦିବସରେ ଲିଖିତ ଆପତ୍ତି ଅଭିଯୋଗ ଦାଖଲ କରିପାରିବେ । ଧାର୍ଯ୍ୟ ସମୟ ଅତିକ୍ରାନ୍ତ ହେବା ପରେ କୌଣସି ଅଭିଯୋଗ ଗ୍ରହଣ କରାଯିବନାହିଁ ।

ତଫସିଲଭୁକ୍ତ ଜମିର ବିବରଣୀ

| ମୌଜା | ଖାତା ନଂ | ପ୍ଲଟ ନଂ | ମୋଟ ରକବା (ଏକରରେ) | ପ୍ରସ୍ତାବିତ ରକବା (ଏକରରେ) | କିସମ/ ଖାତାଦାର |
|---|---|---|---|---|---|
| ରାଳବ | ୫୧୩ | ୭୦୧ | ୦.୩୯୦ | ୦.୩୩୪ | ଦଣ୍ଡା / ସର୍ବସାଧାରଣ |
| | | ୧୩୩୮ | ୦.୦୯୦ | ୦.୦୨୪ | |

ତହସିଲଦାର, କନିଷି

ପରିପତ୍ର ସଂଖ୍ୟା- ୯୦୦୩ / ତାରିଖ-୨୯.୦୭.୨୦୨୫

ଏହାର ଏକକିତା ନକଲ ଜିଲ୍ଲା ସୂଚନା ଅଧିକାରୀ (DIO), NIC, ଗଞ୍ଜାମଙ୍କ ଅବଗତି ଓ ୱେବ-ସାଇଟ୍ ମାଧ୍ୟମରେ ବିଜ୍ଞପ୍ତି ପ୍ରକାଶ କରିବା ନିମନ୍ତେ ପ୍ରେରଣ କରାଗଲା ।

ଏହାର ଏକକିତା ନକଲ ରାଜସ୍ୱ ନିରୀକ୍ଷକ, ହଳଦିଆପଦରଙ୍କ ଦ୍ୱାରା ମୌଜା- ରାଳବ ପ୍ରକାଶ୍ୟ ସ୍ଥାନରେ ଢେଣ୍ଡରା/ମାଇକିଙ୍ଗ ଦ୍ୱାରା ଜାରି କରିବା ପାଇଁ ପ୍ରେରଣ କରାଗଲା ।

ଏହାର ଏକକିତା ନକଲ ଗ୍ରାମପଞ୍ଚାୟତ କାର୍ଯ୍ୟାଳୟ, ରଙ୍ଗିପୁର ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ/ ସରପଞ୍ଚଙ୍କ ଅବଗତି ତଥା ବହୁଳ ପ୍ରଚାର ନିମନ୍ତେ ପ୍ରେରଣ କରାଗଲା ।

ଏହାର ଏକକିତା ନକଲ ତହସିଲ କାର୍ଯ୍ୟାଳୟ, କନିଷିର ବିଜ୍ଞାପନ ଫଳକରେ ସର୍ବସାଧାରଣଙ୍କ ଅବଗତି ତଥା ବହୁଳ ପ୍ରଚାର ନିମନ୍ତେ ଜାରି କରାଗଲା ।

ତହସିଲଦାର, କନିଷି